**୨୦ ହଜାର ଗଣିଲେ ଭୋଜି ଆୟୋଜକ**

ବାଲିଗୁଡ଼ା, (ଡି.ଏନ.ଏ.): ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ବ୍ଲକର ସିର୍କାକୁଟି ଗ୍ରାମରେ ବୁଧବାର କୋଭିଡ୍ କଟକଣାକୁ ଫୁ କରି ଏକ ବିବାହ ଆୟୋଜନ ହୋଇଥିଲା। ଖବର ପାଇ ଚକାପାଦ ତହସିଲଦାର ମଧୁସ୍ମିତ ବେହେରା, ବିଡିଓ ଅନୀଲ କୁମାର ପଟନାୟକ, ଲାଲନପଡ଼ା ପାଣ୍ଡି ପୋଲିସ ଉକ୍ତ ଗାଁରେ ଚଢ଼ାଉ କରି ଆୟୋଜକଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ। ଏଥିସହ ଲୋକଙ୍କୁ ମାସ୍କ ପିନ୍ଧିବା ସହ ସାନିଟାଇଜ୍ ବ୍ୟବହାର କରିବା ଓ ସାମାଜିକ ଦୂରତା ରକ୍ଷା କରିବା ଲାଗି ପରାମର୍ଶ ଦିଆଯାଉଛି।

## ସଂକ୍ଷେପରେ

### ଓକିଲ ସଂଘ କର୍ମଚାରୀଙ୍କୁ ରାଶନ ସାମଗ୍ରୀ ପ୍ରଦାନ

**ବ୍ରହ୍ମପୁର ଅଫିସ,୨୬।୫:** ଗଞ୍ଜାମ ଓକିଲ ସଂଘ କର୍ମଚାରୀଙ୍କୁ ବୁଧବାର ରାଶନ୍ ସାମଗ୍ରୀ ପ୍ରଦାନ କରାଯାଇଛି। ଆଇନଜୀବୀ ଲଳିତ ମୋହନ ମଙ୍ଗରାଜଙ୍କ ଆର୍ଥିକ ସହାୟତା କ୍ରମେ ସମସ୍ତ କର୍ମଚାରୀ ଓ ପିଅନଙ୍କୁ ଏହି ସହାୟତା ଦିଆଯାଇଥିଲା। କରୋନା ଯୋଗୁ ସଂଘ କର୍ମଚାରୀମାନେ ନାନା ଅସୁବିଧାରେ ରହିଛନ୍ତି। ଏଣୁ ସେମାନଙ୍କୁ ସଂଘ ତରଫରୁ ସହାୟତା ପ୍ରଦାନ କରାଯାଇଛି। ଏହି ସମୟରେ ଓକିଲ ସଂଘର ସମ୍ପାଦକ ପ୍ରଦୀପ କୁମାର ବେହେରା, ଯୁଗ୍ମସମ୍ପାଦକ ସୁଧୀର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ୨୮ ଜୁଆଡ଼ି ଗିରଫ

**ବ୍ରହ୍ମପୁରଅଫିସ/ଦିଗପହଣ୍ଡି (ଡି.ଏନ୍.ଏ.), ୨୬।୫:** ଗଞ୍ଜାମ ଜିଲାରେ ବୁଧବାର ପୋଲିସ ଜୁଆ ଆଡ୍ଡାରୁ ୨୮ ଜଣଙ୍କୁ ଗିରଫ କରିଥିବା ବେଳେ ୧.୩୩ ଲକ୍ଷ ଟଙ୍କା ଜବତ କରିଛି। ବ୍ରହ୍ମପୁର ସଦର ଥାନା ଶ୍ରୀକ୍ଷେତ୍ର ବିହାର ଏକ ଘରୁ ୧୮ ଜୁଆଡ଼ିଙ୍କୁ କାବୁ କରିଛି। ସେଥିରେ ୪ ମହିଳା ରହିଛନ୍ତି। ପ୍ରଦୀପ ସାହୁ ନାମକ ଜଣେ ବ୍ୟକ୍ତି ନିଜ ଘରେ ଦୀର୍ଘ ଦିନ ହେଲା ଜୁଆ ଆଡ୍ଡା ଚଳାଇଥିବା ନେଇ ଖବର ପାଇ ପୋଲିସ ଟିମ୍ ଉକ୍ତ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୧.୦୭ ଲକ୍ଷ ଟଙ୍କା, ୧୭ ମୋବାଇଲ, ଦୁଇଟି ବାଇକ୍ ଓ ତାସ ଜବତ ହୋଇଥିବା ପୋଲିସ କହିଛି। ଏ ନେଇ ନଂ. ୧୬୧ /୨୧ ରେ ରୁଜୁ ହୋଇଛି। ସେହିପରି ପାଟପୁର ଥାନା ଭାଲିଆଝୋଲା ଗ୍ରାମ ନିକଟ ଘୋଡ଼ାହାଡ ନଦୀ ପଠାରେ ଚାଲିଥିବା ୨ ଟି ଜୁଆ ଆଡ୍ଡାରୁ ୧୦ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୨୬,୧୦୦ ଟଙ୍କା ଜବତ ହୋଇଛି।

### ଆଇନଜୀବୀ ଉମାକାନ୍ତ ମିଶ୍ରଙ୍କ ବିୟୋଗରେ ଶୋକ

ବ୍ରହ୍ମପୁର ଅଫିସ,୨୬।୫-ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ପୂର୍ବତନ ସଭାପତି ତଥା ପୂର୍ବତନ ବିଧାୟକ ଉମାକାନ୍ତ ମିଶ୍ରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ଗୋପାଳକୃଷ୍ଣ ମହାନ୍ତି, ପୂର୍ବତନ ସଭାପତି ବିଚିତ୍ର ବଡ଼ଜେନା ଶୋକବାର୍ତ୍ତା ପାଠ କରିଥିଲେ। ଉପସଭାପତି ପ୍ରଦୀପ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭାରେ ଅମର ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଯାଇଥିଲା। ଶୋକସଭାରେ ରାଜ୍ୟ ସଂଘର ପୂର୍ବତନ ସଭାପତି ଶିଶିର ପାଢ଼ୀ, ସଙ୍ଗଠନ ସମ୍ପାଦକ ନିରଞ୍ଜନ ନାୟକ, ପୀତବାସ ପଣ୍ଡା, ଗୋପାଳକୃଷ୍ଣ ପଣ୍ଡା, ପ୍ରଦୀପ ପଟ୍ଟନାୟକ, ନିର୍ମଳ ସାହୁ, କରୁଣାକର ପାଣିଗ୍ରାହୀ, ଅମୃତରାଜ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ପୃଥକ୍ ସ୍ଥାନରେ ସ୍ମୃତି ସଭା

**ଭଞ୍ଜନଗର,୨୬।୫(ଡି.ଏନ.ଏ) :** ଆମ୍ବପୁଆସ୍ଥିତ କବିରାଜ ମୋହନ ପତି ସ୍ମୃତି ସଂସଦ ପକ୍ଷରୁ ବିଦ୍ୟୁତ୍ ବିଭାଗର ଅବସରପ୍ରାପ୍ତ ଏସ୍‌ଡିଓ ହରିହର ଶତପଥୀଙ୍କ ବିୟୋଗରେ ଏକ ସ୍ମୃତିସଭା ଅନ୍‌ଲାଇନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ରବିନାରାୟଣ ପତି ଅଧକ୍ଷତା କରିଥିଲେ। ଡ. ସୀମାଞ୍ଚଳ ପତି, ପୁଷ୍ପାଞ୍ଜଳି ପତି, ପ୍ରଫୁଲ୍ଲ ଦଳେଇ, ସଚ୍ଚିଦାନନ୍ଦ ଶତପଥୀ, ଚନ୍ଦନ ରଣା, ସମ୍ପାଦକ ରାମଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସେହିପରି କବିସମ୍ରାଟ ସାହିତ୍ୟ ସଂସଦ ପକ୍ଷରୁ ଗୋକୁଳ ଶତପଥୀଙ୍କ ବିୟୋଗରେ ସ୍ମୃତି ସଭା ହୋଇଯାଇଛି। ଡ. ସୁରେଶ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ ଡ଼.ରାଜେନ୍ଦ୍ର ତ୍ରିପାଠୀ ସଂଯୋଜନା କରିଥିଲେ। ସମ୍ପାଦକ ସରୋଜ ନନ୍ଦ, ଡ଼.କମ୍ବୁପାଣି ସାମନ୍ତ, ଡ଼.ଉଷା ପାଢ଼ୀ, ଗୁରୁମୂର୍ତ୍ତି ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ ।

### ନୂଆପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

**ଚିକିଟି,୨୬।୫(ଡି.ଏନ.ଏ.):** ଚିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବିଭିନ୍ନ ଅବ୍ୟବସ୍ଥାରେ ଚାଲିଛି। ଏହା ଉପରେ ନିର୍ଭର କରୁଥିବା ଲାଲମେଣ୍ଟା, ନୂଆପଡା, ଚାନ୍ଦପୁର, ଗଡଗୋବିନ୍ଦପୁର ପଞ୍ଚାୟତର ବିଭିନ୍ନ ଗ୍ରାମବାସୀ ସ୍ୱାସ୍ଥ୍ୟସେବା ପାଉନାହାନ୍ତି। ଏଠାରେ ୨ ବର୍ଷ ହେଲା ଡାକ୍ତର ପଦବୀ ଖାଲିପଡ଼ିଛି। ତେଣୁ ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ର ନ ଆସି କ୍ୱାକ୍‌ଙ୍କ ପାଖକୁ ଯାଉଛନ୍ତି। ଡାକ୍ତର ପଦବୀ ପୂରଣ ପାଇଁ ବହୁବାର ଦାବି ହୋଇଥିଲେ ସୁଦ୍ଧା ସୁଫଳ ମିଳିନି ବୋଲି ନୂଆପଡା ସରପଞ୍ଚ ଏସ୍. ଧର୍ମାରାଜ୍ କହିଛନ୍ତି। ବର୍ତ୍ତମାନ ଉକ୍ତ ଗାଁରେ କରୋନାରେ କେତେଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଚିକିତ୍ସାଧୀନ ଅଛନ୍ତି। ଏନେଇ ୨ଦିନ ତଳେ ଗ୍ରାମବାସୀ ଜିଲାପାଳ, ଉପଜିଲାପାଳଙ୍କୁ ଜଣାଇବା ପରେ ଜିଲା ଚିକିତ୍ସାଧିକାରୀ ୧୦ ଦିନ ମଧ୍ୟରେ ଡାକ୍ତର ପଦବୀ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ବାତ୍ୟା ପ୍ରଭାବିତ ୩ ଜିଲାକୁ ଗଞ୍ଜାମରୁ ଗଲା ରିଲିଫ୍

**ଛତ୍ରପୁର(ଡି.ଏନ୍.ଏ.)/ବ୍ରହ୍ମପୁରଅଫିସ,୨୬।୫**

ଗଞ୍ଜାମ ଜିଲାରେ ବାତ୍ୟା ୟାସ୍‌ର ପ୍ରବାହ ପଡିନାହିଁ। ଏହା ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରପଡା ଜିଲାରେ ଅଧିକ କ୍ଷତି କରିଛି। ବାତ୍ୟା ବିପନ୍ନମାନେ ବିଭିନ୍ନ ଆଶ୍ରୟସ୍ଥଳରେ ରହିଛନ୍ତି। ଏହି ସମୟରେ ଗଞ୍ଜାମ ଜିଲା ପ୍ରଶାସନ ସହାୟତାର ହାତ ବଢ଼ାଇଛି। ବାତ୍ୟା ଆଶ୍ରୟସ୍ଥଳରେ ଥିବା ଲୋକଙ୍କ ପାଇଁ ଗଞ୍ଜାମ ଜିଲାରୁ ୧୦ଟି ଗାଡିରେ ବିଭିନ୍ନ ରାଶନ ସାମଗ୍ରୀ, ଚୁଡା, ଗୁଡ, ବିସ୍କୁଟ, ପିଇବା ପାଣି ଆଦି ରିଲିଫ ସାମଗ୍ରୀ ଓ କୋଭିଡ ମୁକାବିଲା ସରଞ୍ଜାମ ଭଦ୍ରକ, ବାଲେଶ୍ୱର ଏବଂ କେନ୍ଦ୍ରାପଡା ଜିଲାକୁ ପଠାଯାଇଛି । ବୁଧବାର ଏହି ଗାଡିସବୁ ଡିଆର୍‌ଡିଏ କାର୍ଯ୍ୟାଳୟରୁ ବାହାରିଥିଲା ।

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ଯାତ୍ରା ଶୁଭାରମ୍ଭ କରିଥିଲେ। ବ୍ରହ୍ମପୁର ମହାନଗର କମିଶନର ଡ. ସଦ୍ଦେଶ୍ୱର ବଳିରାମ ବୋନ୍ଦାର, ଡିଆରଡିଏ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ଉପଜିଲାପାଳ ଭି. କୀର୍ତ୍ତିଭାସନ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଏପିଡି ଜ୍ୟୋତି ଶଙ୍କର ରାୟ, ଛତ୍ରପୁର ଏନଏସି ନିର୍ବାହୀ ଅଧିକାରୀ ଏନ.ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ୧୦ଟି ଗାଡିର ନୋଡାଲ ଅଫିସର ଭାବେ ଏପିଡି ତାଲିମ ବାଣି ସୁକାନ୍ତ ପଟନାୟକ, ଏପିଡି(ରୁରାଲ ହାଉସିଂ) ସୌମ୍ୟରଞ୍ଜନ ହୋତା, ମହେଶ ଗୌଡ ପ୍ରମୁଖ ଯାଇଛନ୍ତି । ଅନ୍ୟପକ୍ଷରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବାଲେଶ୍ୱର ଜିଲାକୁ ୨୦୦୦ ପ୍ୟାକେଟ୍ ରିଲିଫ୍ ସାମଗ୍ରୀ ପଠାଯାଇଛି। ଏଥିରେ ଚୁଡ଼ା ଗୁଡ଼, ବିସ୍କୁଟ ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ରହିଛି। ବିଏମ୍‌ସି ପକ୍ଷରୁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଉକ୍ତ ସମସ୍ତ ସାମଗ୍ରୀର ପ୍ୟାକିଂ କରାଯାଇ ଗୋଟିଏ ଗାଡ଼ିରେ ବାଲେଶ୍ୱରକୁ ପଠାଯାଇଥିବା ବିଏମ୍‌ସି ସୂତ୍ରରୁ ଜଣାପଡ଼ିଛି।




ଜିଲାପାଳ ରିଲିଫ୍ ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ବ୍ରହ୍ମପୁରରେ 'ୟାସ୍' ପ୍ରଭାବ ଶୂନ୍ୟ

**ବ୍ରହ୍ମପୁର ଅଫିସ,୨୬।୫**

ବାତ୍ୟା 'ୟାସ୍'କୁ ନେଇ ଗଞ୍ଜାମ ଜିଲାବାସୀ ଭୟଭୀତ ଥିବା ବେଳେ ଜିଲା ପ୍ରଶାସନ ଓ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବୁଧବାର ମହାନଗରରେ 'ୟାସ୍'ର କୌଣସି ପ୍ରଭାବ ପଡ଼ି ନାହିଁ। ପୂର୍ବାହ୍ନରୁ ପାଗ ଶୁଖିଲା ରହିବା ସହ ମଝିରେ ମଝିରେ ସାମାନ୍ୟ ପବନ ହୋଇଥିଲା। ଅପରାହ୍ନରେରେ ପାଗ ମେଘୁଆ ଥିଲା, କିନ୍ତୁ ବର୍ଷା ହୋଇ ନ ଥିଲା। ତେବେ ଗୋପାଳପୁର ଡ଼ପଲର ରାଡ଼ାରରୁ ମିଳିଥିବା ସୂଚନାନୁସାରେ, ଗୁରୁବାର ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ବର୍ତ୍ତମାନ ମଧ୍ୟ ଗୋପାଳପୁରରେ ୪ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି। ବୁଧବାର ସନ୍ଧ୍ୟାରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ଦକ୍ଷିଣ ଓଡ଼ିଶାର କେତୋଟି ସ୍ଥାନରେ ଅଳ୍ପରୁ ମଧ୍ୟମ ଧରଣର ବର୍ଷା ସହ ୪୦ ରୁ ୫୦ କି.ମି.ବେଗରେ ପବନ ହେବା ନେଇ ଗୋପାଳପୁର ଡ଼ପଲର୍ ରାଡ଼ାର ଇନ୍‌ଚାର୍ଜ ଏସ.କେ. ମୂର୍ତ୍ତି ସୂଚନା ଦେଇଛନ୍ତି।

# ଫିଙ୍ଗର ପ୍ରିଣ୍ଟ ନେଇ ଲୁଟୁଛନ୍ତି ଟଙ୍କା

**ଛତ୍ରପୁର,୨୬।୫ (ଡି.ଏନ୍.ଏ.)**

**ଅକ୍ସିଜେନ୍ ଆପ୍ ଡାଉନ୍‌ଲୋଡ୍ ନ କରିବାକୁ ଏସ୍‌ପିଙ୍କ ପରାମର୍ଶ**

ସୁଗାର, ବ୍ଲଡପ୍ରେସର ଓ ଅକ୍ସିଜେନସ୍ତର ମୋବାଇଲ ଫୋନ ଦ୍ୱାରା ଜାଣିବା ପାଇଁ ଆନେକ ଲୋକ ଅକ୍ସିଜେନ ଆପ୍ ଡାଉନ୍‌ଲୋଡ୍ କରିଥାନ୍ତି। ପରେ ଉକ୍ତ ଆପ ଖୋଲି ମୋବାଇଲରେ ଲୋକେ ଫିଙ୍ଗର ପ୍ରିଣ୍ଟ ଦେଇଥାନ୍ତି। ସାଇବର୍ ଅପରାଧୀ ଏହି ଫିଙ୍ଗର ପ୍ରିଣ୍ଟକୁ କପି କରି ନେଇଥାନ୍ତି। ପରେ ଏହା ସାହାଯ୍ୟରେ ଅପରାଧୀ ଆପ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଆଧାର ଲିଙ୍କ ହୋଇଥିବା ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଠକି ନେଉଛନ୍ତି। ତେଣୁ ଦୟାକରି ଏପରି କୌଣସି ଆପ୍‌କୁ ଡାଉନ୍‌ଲୋଡ଼ ନ କରିବାକୁ ଜନସାଧାରଣଙ୍କୁ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ ଅନୁରୋଧ କରିଛନ୍ତି ।

# ରମ୍ଭା ଏନ୍‌ଏସିରେ ପାନୀୟ ଜଳ ସଙ୍କଟ

**ରମ୍ଭା,୨୬।୫**

ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦର କେତୋଟି ସାହିକୁ କ୍ରମାଗତ ଭାବେ ପାନୀୟ ଜଳଯୋଗାଣ ହେଉନଥିବା ଅଭିଯୋଗ ହେଉଛି। ପ୍ରତି ବର୍ଷ ଗ୍ରୀଷ୍ମ ଦିନରେ ୫, ୬, ୯ ଓ ୧୦ ନମ୍ବର ୱାର୍ଡ ତଥା ଗୌଡ଼ ସାହି, ଧୋବା ସାହି, ପାତ୍ର ସାହି ସହ ଓଡିଆ ସାହି ପ୍ରମୁଖ ରାଜନୈତିକ ଅଭିଶନ୍ଧି ରଖି ପାନୀୟ ଜଳ ଯୋଗାଣରେ ଅବହେଳା କରାଯାଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଉକ୍ତ ସାହିରେ ପାନୀୟ ଜଳ ସଙ୍କଟ ଥିବାରୁ ମହିଳାମାନଙ୍କୁ ବହୁ ଦୂରଦୁରାନ୍ତରୁ ପାଣି ଆଣିବାକୁ ପଡୁଛି। ସରକାର ପାନୀୟ ଜଳ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପ୍ରଶାସନ ଓ ବିଭାଗୀୟ ଅଫିସରଙ୍କ ଦାୟିତ୍ୱହୀନତା ଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସେମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଭାଗୀୟ ଅଫିସର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ପାଣି ବୋହି ନେଉଛନ୍ତି ମହିଳା।

**ଲକ୍‌ଡାଉନ ନିୟମ ଉଲ୍ଲଂଘନ**

# ସପ୍ତାହକରେ ୮.୯୨ ଲକ୍ଷ ଟଙ୍କା ଜରିମାନା

**ବ୍ରହ୍ମପୁର ଅଫିସ,୨୬।୫**

ଲକ୍‌ଡାଉନ ନିୟମ ଉଲ୍ଲଂଘନ ନେଇ ଗତ ୧୯ ତାରିଖ ସକାଳ ୬ଟାରୁ ୨୬ ତାରିଖ ସକାଳ ୬ଟା ଅର୍ଥାତ୍ ୭ ଦିନରେ ୧୭୮୪ ଗାଡ଼ି ଚାଳକଙ୍କୁ ୮ ଲକ୍ଷ ୯୨ ହଜାର ଟଙ୍କାର ଇ-ଚାଲାନ୍ ଜାରି କରାଯାଇଛି। ବ୍ରହ୍ମପୁର ପୋଲିସ ତରଫରୁ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ଲୋକଙ୍କଠାରୁ ୨ଲକ୍ଷ ୩୧ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ୮୦ ନାଇଟ୍ କର୍ଫ୍ୟୁ ଉଲ୍ଲଂଘନ ମାମଲାରେ ୩୫ ହଜାର ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସାମାଜିକ ଦୂରତା ରକ୍ଷା କରି ନ ଥିବା ୧୪୦ ଜଣଙ୍କଠାରୁ ୬୯ ହଜାର ୭ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଲକ୍‌ଡାଉନ ବେଳେ ଖୋଲାଥିବା ୮୧ ଦୋକାନ ବନ୍ଦ କରାଯାଇ ସେମାନଙ୍କଠାରୁ ୪୧ ହଜାର ୭ ଶହ ଟଙ୍କା ଆଦାୟ କରାଯାଇଛି। ଶଟ୍‌ଡାଉନ ନିୟମ ଉଲ୍ଲଂଘନ କରିଥିବା ୨୭ ଜଣଙ୍କଠାରୁ ୧୩ ହଜାର ୬ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିଭଳି ୧୭ଟି ସ୍ଥାନରୁ ବେଆଇନ ମଦ ବିକ୍ରି କରୁଥିବା ୨୬ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୫୧.୭୦୦ ଲିଟର ମଦ ଜବତ ହୋଇଥିବା ଏସ୍‌ପି ବୁଧବାର ସୂଚନା ଦେଇଛନ୍ତି।

# ଖବରଦାତାଙ୍କୁ ଶ୍ରଦ୍ଧାଞ୍ଜଳି, ଜିଲାପାଳଙ୍କୁ ଦାବିପତ୍ର

**ଫୁଲବାଣୀ ଅଫିସ,୨୬।୫**

କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବା ଯୁବ ଖବରଦାତା ଆଶୁତୋଷ ବେହେରାଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଜିଲା ଫ୍ରଣ୍ଟ ଲାଇନ ମିଡିଆ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫୁଲବାଣୀ ପ୍ରେସ କ୍ଲବ ସଭାପତି ଶିବ ପ୍ରସାଦ ତ୍ରିପାଠୀଙ୍କ ସମେତ ଆସୋସିଏଶନର କାର୍ଯ୍ୟକାରୀ ସଭାପତି ବ୍ରଜବିହାରୀ ନନ୍ଦ, ଉପ ସଭାପତି ଅଶୋକ ମହାନ୍ତି, ସଂପାଦକ ତ୍ରିନାଥ ସାହୁ, କୋଷାଧ୍ୟକ୍ଷ ସୁନୀଲ ବିଶ୍ୱାଳ, ସାମ୍ବାଦିକ ସୂର୍ଯ୍ୟନାରାୟଣ ବେହେରା, ରଞ୍ଜନ କୁମାର ଦାଶଙ୍କ ସମେତ ପୋଲିସ ରିଜର୍ଭ ଇନ୍ସପେକ୍ଟର ଧର୍ମେନ୍ଦ୍ର ପ୍ରଧାନ, ସର୍ଜେଣ୍ଟ ସରୋଜ ବେହେରା ପ୍ରମୁଖ ଯୋଗଦେଇ ଆଶୁତୋଷଙ୍କ ସ୍ମୃତିଚାରଣ କରିଥିଲେ।

ଆଶୁତୋଷଙ୍କ ପରିବାରକୁ ସରକାରଙ୍କ ଦ୍ୱାରା ଘୋଷିତ କୋଭିଡ ଯୋଦ୍ଧା ଅନୁକମ୍ପା ରାଶି ଏବଂ ଜିଲା ରେଡକ୍ରସ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲାପାଳ ଡା.ବୃନ୍ଦା ଡି. ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ଜିଲା ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ ଯଥା ସମ୍ଭବ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି।

# ପ୍ରଶାସନର ପ୍ରୋତ୍ସାହନ ଅଭାବରୁ ଚିଙ୍ଗୁଡ଼ି ଚାଷ ପ୍ରଭାବିତ

**ଗଞ୍ଜାମ,୨୬।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ପ୍ରଶାସନର ପ୍ରୋତ୍ସାହନ ଅଭାବରୁ ସ୍ଥାନୀୟ ବ୍ଲକରେ ଚିଙ୍ଗୁଡ଼ି ଚାଷ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ଚିଲିକା ହ୍ରଦର ଚତୁଃପାର୍ଶ୍ୱରେ ଗଞ୍ଜାମ ବିଦ୍ୟୁତ୍ ବିଭାଗ ପକ୍ଷରୁ ଚିଙ୍ଗୁଡ଼ି ଚାଷ ନିମନ୍ତେ ବିଦ୍ୟୁତ୍ ସଂଯୋଗ କରାଯାଇ ସମସ୍ତ ସହଯୋଗ କରାଯାଉଥିବା ବେଳେ ଗଞ୍ଜାମ ବ୍ଲକରେ ତା'ର ବ୍ୟତିକ୍ରମ ହେଉଛି। ପାଲିବନ୍ଧ ଓ ରାମଗଡ଼ ପଞ୍ଚାୟତରେ ପ୍ରାୟ ୧ ଏକର ଜାଗାରେ ଶିକ୍ଷିତ ବେକାର ଯୁବକମାନେ ଋଣ କରି ଚିଙ୍ଗୁଡ଼ି ଚାଷ ପ୍ରକଳ୍ପ କରି ଜୀବିକା ନିର୍ବାହ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ବିଦ୍ୟୁତ ସଂଯୋଗୀକରଣ ଅଭାବରୁ ୨୦୧୮ରୁ ତାହା ବନ୍ଦ ପଡିଛି। ଜିଲା ପ୍ରଶାସନର ସହଯୋଗ ନ ମିଳିଲେ ଆଗାମୀ ଦିନରେ ସେମାନେ ଦାଦନ ଖଟିବାକୁ ଯିବେ ବୋଲି ପ୍ରକାଶ କରିଛନ୍ତି। ଅଞ୍ଚଳରେ ଚିଙ୍ଗୁଡ଼ି ଚାଷ ନିମନ୍ତେ ସେମାନେ ନିଜ ଜାଗା ଓ ଲିଜ ସୂତ୍ରରେ ଜାଗା ନେଇ ସରକାରଙ୍କ ନିୟମାନୁଯାୟୀ ଚାଷ କରିବାକୁ ପ୍ରସ୍ତୁତି କରିଥିଲେ। ହେଲେ ପ୍ରଶାସନର ସହଯୋଗ ନ ମିଳିବାରୁ ସ୍ଥାନୀୟ ଅଞ୍ଚଳର ଯୁବ ଚାଷୀଙ୍କ ସହ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ, ଲିଜ ପ୍ରଦାନ କରିଥିବା ଜାଗା ମାଲିକ, ସ୍ଥାନୀୟ ଶ୍ରମଜୀବୀମାନେ ଆର୍ଥିକ ଅନଟନ ମଧ୍ୟରେ କାଳ କାଟିବାକୁ ବାଧ ହେଉଛନ୍ତି।

# ବାଲି, ପଥର ବୋଝେଇ ୩ ଟ୍ରାକ୍ଟର ଜବତ

**ଆସିକା,୨୬।୫(ଡି.ଏନ.ଏ.)**

ବେଆଇନ ଭାବେ ବାଲି ପଥର ଚାଲାଣ କରୁଥିବା ୩ ଟ୍ରାକ୍ଟରକୁ ବୁଧବାର ଆସିକା ତହସିଲ ଅଧୀନ ଅତରଙ୍ଗ ଗ୍ରାମ ରାସ୍ତାରୁ ଜବତ କରାଯାଇଛି। ୨ଟି ଟ୍ରାକ୍ଟରରେ ବାଲି ଓ ଗୋଟିଏ ଟ୍ରାକ୍ଟରରେ ପଥର ଚାଲାଣ କରାଯାଉଥିବା ନେଇ କୌଣସି ସୂତ୍ରରୁ ଖବରପାଇ ଆସିକା ତହସିଲଦାର ସଦାନନ୍ଦ ସେଠୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡିଗୁଡିକୁ ଜବତ କରିଥିଲେ । ବେଆଇନ ଚାଲାଣକାରୀଙ୍କ ଠାରୁ ୬୦ ହଜାର ଟଙ୍କା ଜରିମାନା ଆଦାୟ କରି ଛାଡି ଦିଆଯାଇଥିବା ତହସିଲଦାର ସେଠୀ ସୂଚନା ଦେଇଛନ୍ତି।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ଗୋପାଳପୁର,୨୬।୫**

ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗରେ ସ୍ୱାମୀଙ୍କୁ ମଙ୍ଗଳବାର ଗୋପାଳପୁର ପୋଲିସ କୋର୍ଟ ଚାଲାଣ କରିଛି। ସେ ହେଲେ କଦରପଲ୍ଲୀ ଗ୍ରାମର ଚନ୍ଦ୍ରଶେଖର ପ୍ରଧାନ। ଗୋଳନ୍ଥରା ଥାନା ସାନକୁସୁମି ଗ୍ରାମର ସାବିତ୍ରୀ ପ୍ରଧାନଙ୍କ ସହିତ ଗୋପାଳପୁର ଥାନା କଦରପଲ୍ଲୀର ଚନ୍ଦ୍ରଶେଖରଙ୍କ ଗତ ମାର୍ଚ୍ଚ ୧୮ ତାରିଖରେ ପ୍ରେମବିବାହ ହୋଇଥିଲା। ଗତ ସୋମବାର ସାବିତ୍ରୀ ଆତ୍ମହତ୍ୟା କରିଥିବା ନେଇ ଚନ୍ଦ୍ରଶେଖର ସାବିତ୍ରୀଙ୍କ ବାପାଙ୍କୁ ଜଣାଇଥିଲେ। ଝିଅକୁ ଯୌତୁକ ନିର୍ଯାତନା ଦେବା ସହ ହତ୍ୟା କରିଥିବା ନେଇ ସାବିତ୍ରୀଙ୍କ ବାପା ସନିଆ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୮୧/୨୧ରେ ମାମଲା ରୁଜୁ କରି ଚନ୍ଦ୍ରଶେଖରଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ସାବିତ୍ରୀଙ୍କୁ ହତ୍ୟା ନା ସେ ଆତ୍ମହତ୍ୟା କରିଛନ୍ତି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ଥାନାଧିକାରୀ ମାଧବାନନ୍ଦ ନାୟକ କହିଛନ୍ତି।

# ଆଇସିୟୁ, ଅକ୍ସିଜେନ ସପୋର୍ଟ ଶଯ୍ୟା ବୃଦ୍ଧି

**ପାରଳାଖେମୁଣ୍ଡି,୨୬।୫(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠ ଆର. ସୀତାପୁରଠାରେ ଥିବା କୋଭିଡ୍ ହସ୍ପିଟାଲରେ ଜିଲା ପ୍ରଶାସନ ତରଫରୁ ଆଇସିୟୁ ଓ ଅକ୍ସିଜେନ୍ ସପୋର୍ଟ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଇଛି। ପୂର୍ବରୁ ଏଠାରେ ୧୦ଟି ଆଇସିୟୁ ଶଯ୍ୟା ଏବଂ ୩୧ଟି ଅକ୍ସିଜେନ୍ ସପୋର୍ଟ ଶଯ୍ୟା ଥିଲା। ବର୍ତ୍ତମାନ ଆଉ ଅଧିକ ୫ଟି ଆଇସିୟୁ ଓ ୫୩ଟି ଅକ୍ସିଜେନ ସପୋର୍ଟ ଶଯ୍ୟା ପ୍ରସ୍ତୁତ କରାଯାଇଛି। ଏହା କରୋନା ରୋଗୀଙ୍କ ଚିକିତ୍ସାରେ ସହାୟକ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଗଜପତି ଜିଲା ପ୍ରଶାସନ, ରାଜ୍ୟ ସରକାର, ଓଏଚପିସିଏଲ ଏବଂ ହାଇଟେକ ମେଡିକାଲର ମିଳିତ ସହଯୋଗରେ ଏହି କୋଭିଡ୍ ହସ୍ପିଟାଲ ଚାଲିଛି।

**ଗଜପତିରେ ୭୬ ଆକ୍ରାନ୍ତ, ୬୩ ସୁସ୍ଥ**

ଅନ୍ୟପକ୍ଷରେ ଜିଲାରେ ପୁଣି ୭୬ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୬୩ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ବୁଧବାର ସୂଚନା ଦିଆଯାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ମୋହନା ବ୍ଲକରୁ ସର୍ବାଧିକ ୧୫ ଜଣ ଚିହ୍ନଟ ହୋଇଥିବା ବେଳେ ପାରଳାଖେମୁଣ୍ଡିରୁ ୧୪, ଗୋଷାଣୀରୁ ୮, ଗୁମ୍ମାରୁ ୨, କାଶୀନଗର ବ୍ଲକରୁ ୧୪, ନୂଆଗଡରୁ ୮, ରାୟଗଡ଼ରୁ ୧୩, ଆର.ଉଦୟଗିରିରୁ ଜଣେ ଓ ଜିଲା ବାହାରର ଜଣେ ଆକ୍ରାନ୍ତ ରହିଥିବା ଜିଲାପାଳ ଅନୁପମ ସାହା ସୂଚନା ଦେଇଛନ୍ତି । ଜିଲାରେ ମୋଟ କରୋନା ଆକ୍ରାନ୍ତ ସଂଖ୍ୟା ୭୮୩୯ରେ ପହଞ୍ଚିଛି।

# ବିଦେଶୀ ମଦ ଦୋକାନକୁ ବିରୋଧ

**ରାୟଗଡ଼(ଗଜପତି),୨୬।୫**

ରାୟଗଡ଼ ବ୍ଲକ ସଦର ମହକୁମାସ୍ଥିତ ତହସିଲ ଓ ରାଜସ୍ୱ କାର୍ଯ୍ୟାଳୟ ନିକଟରେ ହୋଇଥିବା ଠିପି ବନ୍ଦ ମଦ ଦୋକାନକୁ ହଟାଇବା ପାଇଁ ସ୍ଥାନୀୟ ଲୋକେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ଜିଲାପାଳ ଓ ଅବକାରୀ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ପଠାଇଛନ୍ତି। ବର୍ତ୍ତମାନ ଲକ୍‌ଡାଉନରେ ଏଠି ଦିନ ଦ୍ୱିପ୍ରହରରେ ମଧ୍ୟ ମଦ ବିକ୍ରି ହେଉଛି। ଲୋକଙ୍କ ଦାଣ୍ଡରେ ବସି ମଦ୍ୟପମାନେ ମଦ ପିଇ ଗାଳିଗୁଲଜ କରୁଥିବା ବେଳେ ବୋତଲ ଓ ଗ୍ଲାସ୍‌ଗୁଡିକ ଏଣେ ତେଣେ ଫୋପାଡି ଦେଉଛନ୍ତି। ତେଣୁ ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ବସ୍ତିବାସିନ୍ଦା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଶୀଘ୍ର ଏହାର ସ୍ଥାୟୀ ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗାଁର ଶତାଧିକ ମହିଳା ଓ ପୁରୁଷ ଚେତାବନୀ ଦେଇଛନ୍ତି। ରାଜସ୍ୱ ନିରୀକ୍ଷକ ହରିଶ୍ଚନ୍ଦ୍ର ରଇତ ମଦ ଦୋକାନ ମାଲିକଙ୍କୁ ଡାକି କାଗଜପତ୍ର ଯାଞ୍ଚ କରିଥିବା ବେଳେ ଲୀଳାବତି ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

# କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରାଦ୍ଧ ଦିବସ



ଇଦୁଡ଼ି ଗ୍ରାମଠାରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ପାରଳାଖେମୁଣ୍ଡି/କାଶୀନଗର,୨୬।୫(ଡି.ଏନ୍.ଏ.)**

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୪୮ତମ ଶ୍ରାଦ୍ଧ ଦିବସ ଭର୍ଚୁଆଲରେ ଭାଗବତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ସାହିତ୍ୟ ଏକାଡେମୀ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ପ୍ରାଧ୍ୟାପିକା ଶ୍ୱେତା ପଟ୍ଟନାୟକ, ଘନଶ୍ୟାମ ଜେନା, ପ୍ରମୋଦ ଚନ୍ଦ୍ର ପାଢ଼ୀ, ବିଷ୍ଣୁମୋହନ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କାଶୀନଗର ନିକଟସ୍ଥ ଇଦୁଡ଼ି ଗ୍ରାମଠାରେ ରାଜଜେମା କଲ୍ୟାଣୀ ଗଜପତିମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜେଡି ସଭାପତି ରଘୁରାମ ସାହୁ, ପୂର୍ବତନ ଏନ୍‌ଏସି ଅଧକ୍ଷା ଏମ.ସୁଧାରାଣୀ, ଭାସ୍କର ରାଓ ଓ ଖବରଦାତା ରାଜେଶ ପଟ୍ଟନାୟକ, ଆନନ୍ଦ ଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

# ଅନ୍‌ଲାଇନ ଖେଳ ନେଇ ଆକ୍ରମଣ ଅଭିଯୋଗ

**ହିଞ୍ଜିଳିକାଟୁ,୨୬।୫(ଡି.ଏନ.ଏ.)**

ମୋବାଇଲରେ ଅନଲାଇନ ଖେଳକୁ ନେଇ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଥିବା ମଙ୍ଗଳବାର ହିଞ୍ଜିଳି ଥାନାରେ ଅଭିଯୋଗ ହୋଇଛି। ଗଣ୍ଡଳା ଗ୍ରାମର ସୁଶାନ୍ତ ଦାସ କିଛି ଦିନ ତଳେ ବ୍ରହ୍ମପୁର ସଦର ଥାନା ଚଣ୍ଡୀ ପଦର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ମୋବାଇଲ ଦ୍ୱାରା ଅନଲାଇନ୍‌ରେ ଖେଳୁଥିଲେ। ସେମାନଙ୍କ ମଧ୍ୟରେ ବଚସା ହେବାରୁ ସୁଶାନ୍ତ ଖେଳ ବନ୍ଦ କରିଦେଇଥିଲେ। ମଙ୍ଗଳବାର ସୁଶାନ୍ତ ଓ ତାଙ୍କ ଗ୍ରାମର କୈଳାଶ ଦାସ ସାହି ଛକରେ କଥା ହେଉଥିବାବେଳେ ଗୋଟିଏ ବାଇକ୍‌ରେ ୨ଜଣ ଯୁବକ ଆସି ସେମାନଙ୍କୁ ଖେଳ ବନ୍ଦ କରିବା ନେଇ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ସୁଶାନ୍ତଙ୍କ ଏତଲା କ୍ରମେ ହିଞ୍ଜିଳି ପୋଲିସ ନଂ. ୨୬୪/୨୧ରେ ମାମଲା ରୁଜୁ କରିଛି।

# ଅଧାପନ୍ତରିଆ କମ୍ୟୁନିଟି ସେଣ୍ଟର

**ଖଜୁରିପଡ଼ା/ବଲସକୁମ୍ପା, ୨୬।୫ (ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ଗ୍ରାମପଞ୍ଚାୟତର କେନ୍ଦ୍ରା ସାହିରେ ଦୀର୍ଘବର୍ଷ ଧରି କମ୍ୟୁନିଟି ସେଣ୍ଟର ଅଧାପନ୍ତରିଆ ଭାବେ ପଡ଼ିଛି। ଗ୍ରାମବାସୀଙ୍କ ଅନୁରୋଧକ୍ରମେ ୨୦୧୭-୧୮ରେ ଏମ୍‌ପି ଫଣ୍ଡରୁ ଏକ ଲକ୍ଷ ଟଙ୍କା କମ୍ୟୁନିଟି ସେଣ୍ଟର ନିର୍ମାଣ କରିବା ପାଇଁ ମଞ୍ଜୁର ହୋଇଥିଲା। ସରକାରୀ ନିୟମ ଅନୁଯାୟୀ ଉକ୍ତ କାର୍ଯ୍ୟକୁ କରିବା ପାଇଁ ଗ୍ରାମ୍ୟ କମିଟି ପଞ୍ଚାୟତର ସୁପାରିସ ଦ୍ୱାରା ଉକ୍ତ ଗ୍ରାମର ଯୁବକ ରାଜେଶ କହଁର ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଗଲା। ସେ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ସନ୍ତୋଷୀ ସାହୁଙ୍କ କହିବା ପ୍ରକାରେ ଫାଉଣ୍ଡେଶନ କାର୍ଯ୍ୟ ଆରମ୍ଭ କରିଦେଲେ। ଏହା ଶେଷ ହେବା ପରେ ବିଲ୍ କରିବା ପାଇଁ ତତ୍କାଳୀନ କନିଷ୍ଠ ଯନ୍ତ୍ରୀଙ୍କୁ କହିବାରୁ ସେ ଫାଉଣ୍ଡେସନକୁ ତ୍ରୁଟି ଦର୍ଶାଇ କାମରୁ ଚାଲିଗଲେ ଏବଂ ବିଲ୍ କଲେ ନାହିଁ। ଫାଉଣ୍ଡେସନ ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କା କିପରି ପାଇବେ ସେ ନେଇ ରାଜେଶ ସରପଞ୍ଚ ଏବଂ ବିଡିଓଙ୍କୁ ବାରମ୍ବାର ଗୁହାରି କଲେ ସୁଦ୍ଧା ସୁଫଳ ମିଳିଲା ନାହିଁ। ତେଣୁ ସେହିଦିନରୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ି ରହିଲା କମ୍ୟୁନିଟି ସେଣ୍ଟର କାର୍ଯ୍ୟ। ରାଜେଶ ପ୍ରତିଦିନ ମୂଲ ମଜୁରି କଲେ ପରିବାର ପ୍ରତିପୋଷଣ ହୁଏ। ବର୍ତ୍ତମାନ ତଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଭଲ ନାହିଁ। ଏଭଳି ସମୟରେ ବିଲ ନ ହେବାରୁ ସେ ହଇରଣ ହେଉଛନ୍ତି। ଏପଟେ ଗାଁରେ ସଭା ସମିତି କିମ୍ବା ଧର୍ମାନୁଷ୍ଠାନିକ କାର୍ଯ୍ୟ କଲେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ କମ୍ୟୁନିଟି ସେଣ୍ଟର ଘର ସମ୍ପୂର୍ଣ୍ଣ ଭାବେ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଅଧାପନ୍ତରିଆ ଅବସ୍ଥାରେ କମ୍ୟୁନିଟି ସେଣ୍ଟର।

